# Akashvani, Sambalpur

## SAMBALPURI NEWS BULLETIN

### 15 September 2025 - 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ -ଭିତିପ୍ରସ୍ତର୍ ଥାପ୍ନା ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍ନେଶ୍ୱର୍ କୃଷି ଶିକ୍ଷା ସଦନ୍ ଓୟୁଏଟି ଠାନେ ସଖାଲ୍‌ବେଲା ୨୭ ଟା ନୂଆଁ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କର୍‌ବେ । ୨୫ ହଜାର୍ ୩ ଶହ ୮୦ କୋଟି ଟଙ୍କା ଖର୍ଚ୍ଚାଥି ହେବାର୍‌କେ ଥିବା ଇ ପ୍ରକଳ୍ପମାନ୍‌କେ ପାଖାପାଖି ୫୨ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ମିଲ୍‌ବା । ରାଜ୍ୟ ଶିଳ୍ପ ବିଭାଗ୍ ତରଫୁ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଭିଲ୍ ଉପସ୍ଥିତ୍ ରହେବେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ନୂଆଁ ସର୍‌କାର୍ ଗଢ଼ା ହେଲା ଉତ୍‌ରୁ ୫୮ ଟା ପ୍ରକଳ୍ପ ଜରିଏ ୧ ଲାଖ୍ ୧୧ ହଜାର୍ ୮ ଶହ ୯୯ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ମିଲିସାରିଛେ ।

ନିଯୁକ୍ତି ପତ୍ର- ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍ନେଶ୍ୱର୍ ୟୁନିଟ୍-୩ ଇଡ଼୍କୋ ପ୍ରଦର୍ଶନୀ ପଡ଼ିଆ ନ ୭ ଟା ବିଭାଗ୍‌ର ନୂଆଁକରି ବଛା ହେଇଥିବା ୧ ହଜାର୍ ୬ ଶହ ୮୬ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗର୍ ୩୪, ଅର୍ଥ ବିଭାଗ୍‌ର ୬୪, ଜଲ୍‌ସମ୍ପଦ୍ ବିଭାଗ୍‌ର ୪ ଶହ ୧୩, ଆଇନ୍‌ଥି ୩୭, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍‌ଥି ୯ ଶହ ୬୨, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍‌ଥି ଶହେ ୩୬ ଝନ୍‌କୁ ନିଯୁକ୍ତି ପତ୍ର ଦିଆଯିବା ।

ସୁସ୍ଥ ନାରୀ, ସଶକ୍ତ ପରିବାର୍ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍ ଆଉ ରାଏଜେ ମହିଳା ଆଉ ଟୁକେଲ୍ ଛୁଆକର୍ ସ୍ୱାସ୍ଥ୍ୟକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍ ସାରା ଦେଶେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ କର୍‌ବାର୍‌କେ ଯାଉଛନ୍ । ଆଏବା ୧୭ ତାରିଖ୍ ହେବାର୍‌କେ ଥିବା 'ସୁସ୍ଥ ନାରୀ, ସଶକ୍ତ ପରିବାର୍' ଅଭିଯାନ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶ୍‌ର ଧର୍ ଜିଲ୍ଲାନୁ ଶୁଭାରମ୍ଭ କର୍‌ବେ । ଇ ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ସେନ୍ତା ରାଏଜେ ସବୁ ବୟସ୍‌ର ମହିଳା ଆଉ ଟୁକେଲ୍‌ମାନ୍‌କର୍ ଲାଗି ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିସାର୍, ସୁସ୍ଥତା ସେବା ଉପ୍‌ରେ ଜହ ଧ୍ୟାନ୍ ଦିଆଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥି‌ର୍‌ଲାଗି ଆଏବା ୧୭

ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ୟୁନିଟ୍-୩ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ଖାସ୍ ରାଜ୍ରସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ରହେବେ ।

ଏକ୍ ପେଡ୍ ମା କେ ନାମ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ରାଜ୍ୟର୍ ସବୁ ବିଦ୍ୟାଳୟମାନ୍‌କେ ଆଏବା ୧୭ ତାରିଖ୍ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ କରାଯିବା । ଇ ଦିନ ସବୁ ସ୍କୁଲ୍ ସଖାଲର୍ ୭ ବଜେନୁ ମଏଧାନର୍ ଦେଢ୍ ବଜେତକ୍ ଚାଲ୍‌ବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ଶିକ୍ଷା ଅଧିକାରୀମାନ୍‌କୁ ଜନେଇ ଦିଆଯାଇଛେ । ଇ ଅବ୍‌ସରେ ରାଜ୍ୟର୍ ୨ ଲାଖ୍ ଶିକ୍ଷକ୍‌ମାନ୍‌କର୍ ନେତୃତ୍ୱ‌ଥି ପାଖାପାଖି ୪୦ ହଜାର୍ ବିଦ୍ୟାଳୟ ନ ୧୫ ଲାଖ୍ ଛାତ୍ରୀଛାତ୍ରୀ ଗଛ୍ ଜଗାବେ । ଇତାର୍‌ଛଡ଼ା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇକରି ପୁରସ୍କାର୍ ଭିଲ୍ ଦିଆଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ       I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦୂରଦର୍ଶନ୍‌ର ପ୍ରତିଷ୍ଠା ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ହେଉଛେ ଦୂରଦର୍ଶନ୍‌ର ପ୍ରତିଷ୍ଠା ଦିବସ୍ । ୧୯୫୯ ମସିହା ଆଝିର୍ ଦିନେ ଦୂର୍‌ଦର୍ଶନ୍ ପହେଲାଥର୍ ଲାଗି ତାର୍ ପ୍ରସାରଣ୍ ମୁଲ୍ କରିଥିଲା । ହେଲେ ୬୬ ବଛର୍ ତଲେ ସେଟା ଖାଲି ଦିଲ୍ଲୀ ଭିତ୍‌ରେ ସୀମିତ ଥିବାର୍ ବେଲେ ଆଏଜ୍ ଦୂରଦର୍ଶନ୍ ପ୍ରସାରଣ୍ ଜାତୀୟ ଆଉ ଆନ୍ତର୍ଜାତୀୟ ସ୍ତର୍‌କେ ପୁହୁଚିଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ତର୍‌ଫୁ ଆଏଜ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । 'ପରମ୍ପରାନୁ ଆଧୁନିକତା ତକ୍ ଯାତ୍ରା' ବିଷୟବସ୍ତୁକେ ନେଇକରି କାର୍ଯ୍ୟକ୍ରମ୍ କରାଯିବା । ଇଥି ଦେଶ୍ ଆଉ ରାଜ୍ୟର୍ ନାଁକରା କଲାକାର୍‌ମାନେ ନିଜର୍ କଲାର୍ ପ୍ରଦର୍ଶନ୍ କର୍‌ବେ ବଲି ଦୂରଦର୍ଶନ୍ ମହାନିର୍ଦ୍ଦେଶକ୍ କହିଛନ୍ ।

ଜିଏସ୍‌ଟି          ଆର୍‌ଏନ୍‌ୟୁ/ କଟକ୍

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଭିନ୍ ଭିନ୍ ଦରବ୍ ଆଉ ୩୬ ଟା ଅତିଜରୁରୀ ଉଷୋକଷା ଉପ୍‌ରେ ଟିକସ୍ ଛାଡ଼୍ କରାଯାଇଛେ । ଇଥିର୍‌ଲାଗି ଭିନ୍ ଭିନ୍ ଉଷୋ, ଗଜ୍, ବେଣ୍ଡେଜ୍, ରୋଗ୍ ଚିହ୍ନବାର୍ କିଟ୍, ଗ୍ଳୁକୋମିଟର୍, ଥର୍ମୋମିଟର୍ ବାଗିର୍ ଚିକିସ୍ସା ଉପକରଣ୍ ଉପ୍‌ରେ ଲାଗୁଥିବା ଟିକସ୍ ୧୨ ନୁ ୫ ପ୍ରତିଶତ୍‌କେ କମିଛେ । ଜିଏସ୍‌ଟି ସଂସ୍କାର୍ ବାବ୍‌ଦେ ସମ୍ବଲ୍‌ପୁର୍‌ର ବ୍ୟବସାୟୀ ପରାଗ୍ ଅଗ୍ରୱାଲ୍ କହିଛନ୍....

(ଭଏସ୍ ଓଭର୍ -ପରାଗ୍ ଅଗ୍ରୱାଲ୍)

ବ୍ଲକ୍‌ସ୍ତରୀୟ ନିଷ୍ଠା ତାଲିମ୍ ଶିବିର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ପାରପୋଷି ପଂଚାୟତ୍ ହାଇସ୍କୁଲ୍ ଠାନେ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି ୫ ଦିନିଆ ବ୍ଲକ୍‌ସ୍ତରୀୟ ନିଷ୍ଠା ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ନିଷ୍ଠା, ସମତା ଆଉ ଅନ୍ତର୍ନିବେଶୀ ଶିକ୍ଷା ବାବ୍‌ଦେ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ତାଲିମ୍ ଦିଆଯାଇଥିଲା ।

ଖଣ୍ଡାବସା ପରବ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଜୁନାଗଡ଼୍‌ର ଅଧିଷ୍ଠାତ୍ରୀ ଦେବୀ ମା ଲଙ୍କେଶ୍ୱରୀ ଦେବୀଙ୍କର୍ ଖଣ୍ଡାବସା ପରବ୍ ହେଇଯାଇଛେ । ଗଲାକାଏଲ୍ ଉପର୍‌ବେଲା ବୀରବାଦ୍ୟ ଘୁମ୍‌ରା ଆର୍ ଘଂଟ୍ ଶଙ୍ଖ ସଙ୍ଗେ ମା'ଙ୍କର୍ ପାଟଖଣ୍ଡାକେ ମାର୍ଜନା ଉତ୍‌ରୁ ଗୁଟେ ପଟୁଆର୍‌ଥି ମନ୍ଦିର୍‌କେ ନିଆଯାଇଥିଲା । ଇତାର୍ ଉତ୍‌ରୁ କଲାହାଣ୍ଡି ମହାରାଜ୍ ଅନନ୍ତ ପ୍ରତାପ୍ ଦେଓ ମନ୍ଦିର୍‌କେ ଆସିକରି ଷୁଲ୍‌ହଟା କଲସ୍ ଥାପ୍‌ନା କରିକରି ପାଟଖଣ୍ଡାମାନ୍‌କୁ ପୂଜାର୍ଚ୍ଚନା କରିଥିଲେ । ଇଥି ହଜାର୍ ହଜାର୍ ଭକତ୍ ସାମିଲ୍ ହେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ିର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ପାଖର୍ ଇଲାକା ନ ହେଇଥିବା ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।